# NATIONAL NEWS BULLETIN (ODIA)

**16 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ରେଳଷ୍ଟେସନ ଦଳାଚକଟା ଘଟଣାରେ ତଦନ୍ତ କମିଟି ଗଠିତ ।

- ଏହି ଘଟଣାରେ ୧୮ଜଣଙ୍କର ମୃତ୍ୟୁ ।

- ନୂଆଦିଲ୍ଲୀରେ 'ଆଦି ମହୋତ୍ସବ' ୨୦୨୫ ଆଜି ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।

- ଭାରତ-ଟେକ୍ସ ୨୦୨୫ରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ଗୁଜୁରାଟର ସ୍ଥାନୀୟ ସଂସ୍ଥା ନିର୍ବାଚନ ପାଇଁ ଚାଲିଛି ମତଗ୍ରହଣ ।

ଏବଂ

- ଦିଲ୍ଲୀ ପୁଲିସ ଆଜି ପାଳନ କରୁଛି ୭୮ତମ ପ୍ରତିଷ୍ଠା ଦିବସ ।

---

## ଦିଲ୍ଲୀ-ଷ୍ଟାମ୍‌ପେଡ

ପ୍ରୟାଗରାଜ ମହାକୁମ୍ଭ ମେଳାରେ ଯୋଗଦେବା ପାଇଁ ଯାଉଥିବା ଶ୍ରଦ୍ଧାଳୁମାନେ ଗତକାଲି ସଂଧ୍ୟାରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଦଳାଚକଟା ହେବା ଫଳରେ ୧୮ଜଣ ଲୋକଙ୍କର ମୃତ୍ୟୁ ହୋଇଛି ଓ ବହୁ ଲୋକ ଆହତ ହୋଇଛନ୍ତି । ଏହି ଘଟଣାରେ ଏକ ତଦନ୍ତ କମିଟି ଗଠନ କରାଯାଇଛି । ରେଳବାଇ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯିବା ସହ

ରେଳଷ୍ଟେସନର ସମସ୍ତ ଭିଡିଓ ଫୁଟେଜକୁ ସୁରକ୍ଷିତ ରଖିବାକୁ କମିଟି ନିର୍ଦ୍ଦେଶ ଦେଇଛି । ପ୍ରଧାନମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ ନରସିଂହ ଦେଓ ଏବଂ ପ୍ରଧାନମୁଖ୍ୟ ସୁରକ୍ଷା କମିଶନରର ପଙ୍କଜ ଗଙ୍ଗୱାଲ ଏହି କମିଟିର ସଦସ୍ୟ ଅଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ଉତ୍ତର ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ କହିଛନ୍ତି...

**V/O**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ପ୍ରମୁଖ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ଆହତ ବ୍ୟକ୍ତିମାନଙ୍କର ଆଶୁ ଆରୋଗ୍ୟ ପ୍ରାର୍ଥନା କରିଛନ୍ତି ।

ଉତ୍ତର ରେଳବାଇ ତରଫରୁ ମୃତ ବ୍ୟକ୍ତିମାନଙ୍କର ପରିବାରବର୍ଗଙ୍କୁ କ୍ଷତିପୂରଣ ସ୍ୱରୂପ ୧୦ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରାଯାଇଛି । ଗୁରୁତର ଆହତ ବ୍ୟକ୍ତିମାନଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଦେବା ପାଇଁ ରେଳପାଇ ତରଫରୁ କୁହାଯାଇଛି । ସାମାନ୍ୟ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ଏହାଛଡା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମୃତ ବ୍ୟକ୍ତିଙ୍କ ପାଇଁ ୨ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ

ପାଇଁ ୫୦ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

## ଆଦି ମହୋତ୍ସବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ 'ଆଦି ମହୋତ୍ସବ' ୨୦୨୫ର ଉଦ୍‌ଘାଟନ କରିବେ । ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଜନଜାତି ସମ୍ପ୍ରଦାୟର କଳା, ସଂସ୍କୃତି, ଔଦ୍ୟୋଗିକ କାର୍ଯ୍ୟକଳାପ ତଥା ବାଣିଜ୍ୟ ସମ୍ପର୍କିତ ବିଭିନ୍ନ କଳାକୃତି ସ୍ଥାନ ପାଇବ । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଓ୍ୱିକେ କହିଛନ୍ତି, ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ଜନଜାତି କାରିଗର ତଥା ଉଦ୍ୟୋଗୀଙ୍କର ବିଭିନ୍ନ କଳାକୃତି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଏହି ମହୋତ୍ସବ ଆୟୋଜନ କରାଯାଇଛି । ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ଜନଜାତି ଉଦ୍ୟୋଗୀ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଓ୍ୱିକେ କହିଛନ୍ତି ।

ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟଙ୍କର ପାରମ୍ପରିକ ନୃତ୍ୟ ସଂଗୀତ ପରିବେଷଣ କରାଯିବ । ୯ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ଆସନ୍ତା ୨୪ ତାରିଖ ଦିନ ଉଦ୍‌ଯାପିତ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

## ପି.ଏମ୍. - ଭାରତ ଟେକ୍ସ-୨୦୨୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ 'ଭାରତ ଟେକ୍ସ-୨୦୨୫'ରେ ଯୋଗଦେବେ । ଏହି ଅବସରରେ ଶ୍ରୀ ମୋଦି

ଜନସାଧାରଣଙ୍କୁ ସମ୍ବୋଧନ କରିବେ । ଭାରତ ଟେକ୍ସ-୨୦୨୫ ହେଉଛି ଏକ ବିରାଟ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ । ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ଶେଷ ହେବ । କଞ୍ଚାମାଲ୍, ପ୍ରସ୍ତୁତ ହୋଇଥିବା ଉତ୍ପାଦ ଏବଂ ଉପକରଣଗୁଡ଼ିକର ସମସ୍ତ ବୟନଶିଳ୍ପ ମୂଲ୍ୟ ଶୃଙ୍ଖଳା ଗୋଟିଏ ସ୍ଥାନରେ ଉପଲବ୍ଧ ହେଉଛି ।

ଏହି ବୟନ ମେଳାରେ ୭୦ରୁ ଅଧିକ ଅଧିବେଶନ, ଦଳଗତ ଆଲୋଚନା ଏବଂ ପ୍ରଶିକ୍ଷଣ ଆଦି ଅନ୍ତର୍ଭୁକ୍ତ । ଏହି ପ୍ରଦର୍ଶନୀରେ ନବସୃଜନ ଓ ଷ୍ଟାର୍ଟଅପ୍ ପାଇଁ ସ୍ୱତନ୍ତ୍ର ପାଭିଲିୟନ୍ ନିର୍ମାଣ କରାଯାଇଛି । ଅଗ୍ରଣୀ ନିବେଶକଙ୍କ ମାଧ୍ୟମରେ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ପାଣ୍ଠି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । କାର୍ଯ୍ୟକ୍ରମରେ ନୀତିନିର୍ଦ୍ଧାରକ ଓ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ପରିଚାଳନା ଅଧିକାରୀ, ୫ ହଜାରରୁ ଅଧିକ ପ୍ରଦର୍ଶକ, ୧୨୦ରୁ ଅଧିକ ଦେଶରୁ ୬ ହଜାର ଆନ୍ତର୍ଜାତୀୟ କ୍ରେତା ଓ ବିକ୍ରେତା ଯୋଗ ଦେଉଛନ୍ତି । ଏଥିରେ ବିଶ୍ୱର ୨୫ରୁ ଅଧିକ ବୟନ ଶିଳ୍ପ ସଂସ୍ଥା ଓ ଏ ସମ୍ପର୍କିତ ସଙ୍ଗଠନ ଅଂଶଗ୍ରହଣ କରୁଛନ୍ତି ।

## ଆସାମ ଆସେମ୍ବ୍ଲି ସେସନ

ଆସାମର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ପ୍ରଥମଥର ପାଇଁ ଏହି ଅଧିବେନଶ କୋକ୍ରାଝରଠାରେ ବସିବ । ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା କହିଛନ୍ତି କୋକ୍ରାଝରଠାରେ ବିଧାନସଭା ଅଧିବେଶନ

ବସିବା ରାଜ୍ୟରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ବାତାବରଣକୁ ପ୍ରତିଫଳନ କରୁଛି । ଅଧିବେଶନର ପ୍ରଥମ ଦିନରେ ଆସନ୍ତାକାଲି ରାଜ୍ୟପାଳ ତାଙ୍କର ଅଭିଭାଷଣ ପ୍ରଦାନ କରିବେ । ତେବେ ଅଧିବେଶନର ପରବର୍ତ୍ତୀ ବୈଠକ ଗୌହାଟୀଠାରେ ବସିବ ବୋଲି ସେ ସୂଚନା ଦେଇଛନ୍ତି । ବଜେଟ୍ ଅଧିବେଶନ ଆସନ୍ତା ମାସ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଦିଲ୍ଲୀ ପୁଲିସ-ରାଇଜିଂ ଡେ

ଦିଲ୍ଲୀ ପୁଲିସ ଆଜି ତା'ର ୭୮ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ଏହି ପରିପ୍ରେକ୍ଷୀରେ କିଙ୍ଗ୍ସ ୱେ କ୍ୟାମ୍ପ ପ୍ୟାରେଡ୍ ପଡ଼ିଆରେ ଆୟୋଜିତ ସମାରୋହରେ ସ୍ୱରାଷ୍ଟ୍ର ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ଦିଲ୍ଲୀ ପୁଲିସ କମିଶନର ସଞ୍ଜୟ ଆରୋରା ଏହି ସମାରୋହରେ ଉପସ୍ଥିତ ଥିଲେ । ସମାରୋହକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ରାୟ ଦିଲ୍ଲୀ ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶଂସା କରିଥିଲେ । ଜି-୨୦ ଶିଖର ସମ୍ମିଳନୀ ଆୟୋଜନ ଏବଂ କୋଭିଡ ମହାମାରୀର ମୁକାବିଲା ଦିଗରେ ଦିଲ୍ଲୀ ପୁଲିସର ଉଲ୍ଲେଖନୀୟ ଅବଦାନ ପାଇଁ ସେମାନଙ୍କର କାର୍ଯ୍ୟ ପ୍ରଶଂସନୀୟ ବୋଲି ମନ୍ତ୍ରୀ କହିଥିଲେ । ଏହାଛଡା ସାଇବର କ୍ରାଇମ୍ ଏବଂ ଅନ୍ୟାନ୍ୟ ଅପରାଧକୁ ରୋକିବାରେ ଦିଲ୍ଲୀ ପୁଲିସର ପ୍ରମୁଖ ଭୂମିକା ଥିବା ସେ ଉଲ୍ଲେଖ କରିଥିଲେ ।

**V/O**

ଦିଲ୍ଲୀ ପୁଲିସର ବିଭିନ୍ନ ଶାଖା ପକ୍ଷରୁ ଚିତ୍ତାକର୍ଷକ ପାରେଡ୍ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସାଇବର ଅପରାଧ ଏବଂ ସୁରକ୍ଷା ସମ୍ପର୍କିତ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା ।

## ଉତ୍ତରାଖଣ୍ଡ-ଚାମୋଲି

ଉତ୍ତରାଖଣ୍ଡର ଭାରତ-ତିବ୍ବତ ସୀମାରେ ଥିବା ଚାମୋଲି ଗିରିପଥ ପର୍ଯ୍ୟଟନ ପାଇଁ ଇନରଲାଇନ୍ ପରମିଟ୍ ନିମନ୍ତେ ଅନ୍‌ଲାଇନ୍ ଟିକଟ ବୁକିଂ କରାଯାଉଛି । ଜିଲ୍ଲା ପ୍ରଶାସନ ତରଫରୁ ପର୍ଯ୍ୟଟକଙ୍କ ନିମନ୍ତେ pass.chamoli.org ୱେବ୍‌ସାଇଟ୍ ଜାରି କରାଯାଇଛି । ପର୍ଯ୍ୟଟକମାନେ ଏହା ମାଧ୍ୟମରେ ସହଜରେ ମାନା, ରିମ୍‌ଝିମ୍ ଓ ନୀତି ଗିରିପଥ ପରିଦର୍ଶନ କରିପାରିବେ । ଏହି ଅଞ୍ଚଳ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଗୁରୁତ୍ୱ ବହନ କରୁଥିବାରୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ପ୍ରମୁଖ ଦର୍ଶନୀୟ ସ୍ଥାନ ଭାବେ ପରିଗଣିତ ହୋଇପାରିଛି । ଜିଲ୍ଲା ମାଜିଷ୍ଟ୍ରେଟ୍ ସନ୍ଦିପ ତିୱାରୀ କହିଛନ୍ତି ପର୍ଯ୍ୟଟକମାନେ ସ୍ଥାନୀୟ ପୁଲିସ ଏବଂ ସ୍ୱାସ୍ଥ୍ୟ ବିଭାଗଠାରୁ ଅନୁମତି ପାଇସାରିଲା ପରେ ଏହି ଯାତ୍ରା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।

# ମୁମ୍ବାଇ ଫାୟାର

ଦକ୍ଷିଣ ମୁମ୍ବାଇର ମସ୍‌ଜିଦ୍ ବନ୍ଦର ଅଞ୍ଚଳରେ ଥିବା ୧୧ ମହଲା ବିଶିଷ୍ଟ ପାନାଅଲ୍ଲୀ ମାନ୍‌ସନ କୋଠାରେ ଅଗ୍ନିକାଣ୍ଡ ହେବା ଫଳରେ ଜଣେ ମହିଳା ମୃତ୍ୟୁବରଣ କରିଥିବାବେଳେ ୩ଜଣ ବ୍ୟକ୍ତି ଶ୍ୱାସରୁଦ୍ଧ ହୋଇଥିବା ଜଣାପଡିଛି । ଆହତମାନଙ୍କୁ ଜେଜେ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି । ଘଟଣାସ୍ଥଳରେ ନିଆଁଲିଭା କାର୍ଯ୍ୟ ଜାରି ରହିଛି । ଅଗ୍ନିକାଣ୍ଡ ଘଟିବାର କାରଣ ଅଦ୍ୟାବଧି ଜଣାପଡି ନାହିଁ ।

# ଏଫ୍‌ଆଇଏଚ୍ ହକି

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଆଜି ସଂଧ୍ୟାରେ ମହିଳା ବର୍ଗରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଏହି ମ୍ୟାଚ୍ ଖେଳାଯିବ । ସେହିପରି ପୁରୁଷ ବର୍ଗର ଏକ ମ୍ୟାଚ୍‌ରେ ଭାରତ’ ସ୍ପେନ୍ ମଧ୍ୟରେ ଭୁବନେଶ୍ୱରଠାରେ ମୁକାବିଲା ହେବ ।

# ଆଇଏସ୍ଏଲ୍ ଫୁଟବଲ

ଇଣ୍ଡିଆନ ସୁପର ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଆଜି ମହମ୍ମଦାନ ଏସ୍‌ସି ଏବଂ ଇଷ୍ଟ ବେଙ୍ଗଲ ଏଫ୍‌ସି ମଧ୍ୟରେ ମୁକାବିଲା ହେବ । କୋଲକାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନଠାରେ ଏହି ମ୍ୟାଚ୍ ସଂଧ୍ୟା ସାଢ଼େ ୭ଟାରେ ଖେଳାଯିବ । ଗତକାଲିର ମ୍ୟାଚ୍‌ରେ ମୋହନ ବାଗାନ ସୁପର ଜାଏଣ୍ଟ୍‌ସ ବିଜୟୀ ହୋଇଛି । କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ମୋହନ ବାଗାନ ସୁପର ଜାଏଣ୍ଟସ’ କେରଳ ବ୍ଲାଷ୍ଟର୍ସ ଏଫ୍‌ସିକୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ମୋହନ ବାଗାନ ୨୧ଟି ମ୍ୟାଚ୍‌ରୁ ଅଣଚାଶ ପଏଣ୍ଟ ସହ ତାଲିକାର ଶୀର୍ଷ ସ୍ଥାନରେ ରହିଛି । ଏଫ୍‌ସି ଗୋଆ ୨୦ଟି ମ୍ୟାଚ୍ ଖେଳି ଅଣଚାଳିଶ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି । ଚେନ୍ନାଇ ଠାରେ ଅନୁଷ୍ଠିତ ଗତକାଲିର ଅନ୍ୟଏକ ମ୍ୟାଚ୍‌ରେ ଚେନ୍ନାଇଆନ୍ ଏଫ୍‌ସି ୨-୧ ଗୋଲ୍‌ରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଛି । ପଞ୍ଜାବ ତାଲିକାର ନବମ ସ୍ଥାନରେ ଥିବାବେଳେ ଚେନ୍ନାଇଆନ୍ ୧୦ମ ସ୍ଥାନରେ ରହିଛି ।